## ପୋଡ଼ି ହୋଇ ଛାତ୍ରୀ ଗୁରୁତର

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜମୁନାଳିଆ ଗ୍ରାମରେ ରବିବାର ରୋଷେଇ କରୁଥିବା ସମୟରେ ପୋଡ଼ି ହୋଇ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଘଷିପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଛାତ୍ରୀ ଜଣକ ହେଲେ ସୂର୍ଯ୍ୟ ସମାଡ଼ଙ୍କ ଝିଅ ମିନି। ଅସାବଧାନତା ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି।



## ସଂକ୍ଷେପରେ

### ଏସ୍‌ଏଚ୍‌ଜି, ଅଧିକାରୀଙ୍କ ନାଁରେ ମାମଲା ଦାବି

ଭଦ୍ରକ ଅଫିସ, ୨୮।୨: ଭଦ୍ରକ ଜିଲା ସଦର ବ୍ଲକ ବନ୍ଧଗାଁ ଧାନକ୍ରୟ କେନ୍ଦ୍ରରେ ଶନିବାର ରାମକୃଷ୍ଣ ପଣ୍ଡା ନାମକ ଜଣେ ଚାଷୀ ଧାନ ବିକି ନ ପାରି କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ରବିବାର ଜିଲା ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରାଯାଇ ଧାନକ୍ରୟ ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଓ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଦାବି କରାଯାଇଛି। ଭାଜପା ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ଜିଲା ସଭାପତି ହେମନ୍ତ ପାଢ଼ୀ, ବଦ୍ରି ଧଳ, ଦୁର୍ଗା ଦାସ, ଶ୍ରୀହର୍ଷ ସ୍ୱାଇଁ, ବିକାଶ ଶ୍ରେଷ୍ଠା, ମଣ୍ଟୁ ପରିଜା, ଶଙ୍କର୍ଷଣ ଜେନାଙ୍କ ସମେତ ବହୁ ବରିଷ୍ଠ ଭାଜପା ନେତା ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ପ୍ରଭାକର ସାମଲ ଆଗାମୀ ଦିନରେ ଧାନକ୍ରୟ କ୍ଷେତ୍ରରେ ଅବ୍ୟବସ୍ଥା ଦେଖାଦେଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

### ୫୩ ୟୁନିଟ୍ ରକ୍ତ ସଂଗ୍ରହ

ବଡ଼ବିଲ,୨୮।୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡ଼ବିଲ ପିଏଚ୍‌ଡି ରୋଡ୍ ସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି କାର୍ଯ୍ୟାଳୟ ପରିସରରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ରକ୍ତଭଣ୍ଡାର କର୍ମଚାରୀଙ୍କ ସହାୟତାରେ ଏହି ଶିବିରରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ପହଞ୍ଚି ଅନୁଷ୍ଠାନର ଏହି ଉଦ୍ୟମ ଆଗାମୀ ଦିନରେ ଜାରି ରହୁ ବୋଲି ପରାମର୍ଶ ଦେଇଥିଲେ। ବଡ଼ବିଲ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ ଉପସ୍ଥିତ ରହିଥିଲା ବେଳେ ଅନୁଷ୍ଠାନର ସଦସ୍ୟମାନଙ୍କ ସହ ଆଖପାଖ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଜାତୀୟ ବିଜ୍ଞାନ ଦିବସ

ଆରଡ଼ି/ଭଣ୍ଡାରିପୋଖରୀ,୨୮।୨(ଡି.ଏନ.ଏ.)-ଭଦ୍ରକ ଜିଲା ଧୂଷୁରୀ ସ୍ଥିତ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ହାଇସ୍କୁଲରେ ରବିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା ଡ. ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଅଶୋକ ଦାଶ, ଅଭୟ ବେହେରା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, ସୌମ୍ୟା ସୁଚରିତା ପ୍ରଧାନ, ଯୁଗ ସ୍ୱପ୍ନା ପ୍ରିୟଦର୍ଶିନୀ, ଅଳକା ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ। ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ବେଉରିଆ, ମୁଖ୍ୟବକ୍ତା ଅବସରପ୍ରାପ୍ତ କୃଷି ବିଶେଷଜ୍ଞ ସୁରେନ୍ଦ୍ର ମହାରଣା, ବିନୋଦ ରାଉତ ଓ ଚିନ୍ତାମଣି ନାୟକ ବିଜ୍ଞାନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ।

# ଆକର୍ଷଣ ହରାଉଛି ଡଗରା ବେଳାଭୂମି

**ଗୋପାଳ ଚନ୍ଦ୍ର ସାହୁ**
**ବାଲିଆପାଳ, ୨୮।୨**




ବଙ୍ଗୋପସାଗର କୂଳରେ ଥିବା ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଡଗରା ବେଳାଭୂମିର ବିକାଶ ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଫଳରେ ଏହା ଧୀରେ ଧୀରେ ଆକର୍ଷଣ ହରାଇବାରେ ଲାଗିଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ବେଳାଭୂମିରେ ଅମାନିଆ ପର୍ଯ୍ୟଟକଙ୍କ ଅବାଧ ବାଇକଚାଳନା ଯୋଗୁ ବିରଳ ପ୍ରଜାତିର ନାଲି କଙ୍କଡା ଓ ଅଲିଭ ରିଡଲେଙ୍କ ଶାବକଙ୍କ ମନୋରମ ଦୃଶ୍ୟ ଆଉ ଦେଖିବାକୁ ମିଳିବ ନାହିଁ।

ଦୀର୍ଘ ୨୪ କି.ମି. ପରିବ୍ୟାପ୍ତ ଅଗଭୀର ସମତଳ ବେଳାଭୂମି ଚଉମୁଖଠାରୁ ହଂସକରା ମୁହାଣ ପର୍ଯ୍ୟନ୍ତ ଲମ୍ବିଛି। ବେଳାଭୂମିର ଦୃଶ୍ୟ ଉପଭୋଗ କରିବା ପାଇଁ ପ୍ରତ୍ୟେକ ଦିନ ଓଡ଼ିଶା ସମେତ ପଡୋଶୀ ରାଜ୍ୟରୁ ଶହ ଶହ ପର୍ଯ୍ୟଟକ ଏଠାକୁ ଛୁଟି ଆସିଥାନ୍ତି। ଝାଉଁବଣ, ପ୍ରାକୃତିକ ମନୋରମ ପରିବେଶ ସହିତ ବିସ୍ତୀର୍ଣ୍ଣ ବେଳାଭୂମିରେ ପର୍ଯ୍ୟଟକମାନେ ବୁଲି ବୁଲି ସେଲଫି ଉଠାଇବାର ମଜା ନେଇଥାନ୍ତି। ଏହାଛଡା ବର୍ଷରେ ଏଠାରେ ୩ଥର ସାମୂହିକ ମେଳା ଅନୁଷ୍ଠିତ ହୋଇଥାଏ। ମକର ସଂକ୍ରାନ୍ତିରେ ମକର ମେଳା, ବାରୁଣୀ ସ୍ନାନ ଏବଂ ବେଳାଭୂମି ମହୋତ୍ସବରେ ଖୋଲା ଆକାଶ ତଳେ ପାରମ୍ପରିକ ଢଙ୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଅନ୍ୟ ରାଜ୍ୟରୁ ଶହ ଶହ ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି। ପର୍ଯ୍ୟଟକଙ୍କ ଗହଳିକୁ ଦୃଷ୍ଟିରେ ରଖି ୨୦୧୬ ଜାନୁୟାରୀ ୨୯ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡଗରା ବେଳାଭୂମିର ବିକାଶ ପାଇଁ ୧.୬୬ କୋଟି ଟଙ୍କାର ଟୁରିଷ୍ଟ କମ୍ପ୍ଲେକ୍ସ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଏଯାଏ କାମ ଆରମ୍ଭ ହୋଇପାରିନାହିଁ। ରାସ୍ତା ସମ୍ପ୍ରସାରଣ, ବେଳାଭୂମି ଆଲୋକୀକରଣ, ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଲାଇଫ ଗାର୍ଡ, ସୁରକ୍ଷା ପାଇଁ ପାୱାର ବୋଟ, ରାତ୍ରି ରହଣୀ ପାଇଁ ପର୍ଯ୍ୟାପ୍ତ ପରିମାଣର ପାନ୍ଥଶାଳାର ଆବଶ୍ୟକତା ରହିଛି। ସ୍ଥାନୀୟ ନେତୃମଣ୍ଡଳୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ବୈମାତୃକ ମନୋଭାବ ପାଇଁ ବେଳାଭୂମିର ଉନ୍ନତୀକରଣ ହୋଇପାରିନାହିଁ। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ ସାହୁ କହିଛନ୍ତି ଏହି ବେଳାଭୂମି କୋଷ୍ଟାଲ ଜୋନ ଅଧୀନ ଜଙ୍ଗଲ ଜମି ହୋଇଥିବାରୁ ଉନ୍ନତୀମୂଳକ କାର୍ଯ୍ୟ ହୋଇ ନ ପାରି ଅର୍ଥ ଫେରିଯାଇଛି। ଏହାଛଡ ଏଠାରେ ଗାଡି ପାର୍କିଂ ଲାଗି ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦିଆଯାଇଛି।

## ବଳଦେବଜୀଉ ମନ୍ଦିରରେ ଗଜ ଉଦ୍ଧାରଣ ବେଶ



**କେନ୍ଦୁଝର, ୨୮।୨(ଡି.ଏନ୍.ଏ.)**

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଶନିବାର ସନ୍ଧ୍ୟାରେ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଗଜ ଉଦ୍ଧାରଣ ପୂର୍ଣ୍ଣିମା ଦିନ ପ୍ରଭୁ କୁମ୍ଭୀର କବଳରୁ ହାତୀକୁ ଉଦ୍ଧାର କରିଥିବାରୁ ଏହି ଦିନ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥାଏ। ବଳଦେବଜୀଉ ମନ୍ଦିରର ନିରୀକ୍ଷକ ପଞ୍ଚାନନ ସାହୁ ବିଭିନ୍ନ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିଥିବାବେଳେ ବଡପଣ୍ଡା ରାଜକିଶୋର ପଣ୍ଡା,ବ୍ରହ୍ମା ଗଙ୍ଗାଧର ମିଶ୍ର, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ପୂଜକ ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ ପ୍ରମୁଖ ଶ୍ରୀଜୀଉଙ୍କ ବେଶ ସମ୍ପାଦନ କରିଥିଲେ। ଏହି ଅବସରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା।

# ଗଠନ ହେଲା ପଞ୍ଚାୟତସ୍ତରୀୟ ଆଞ୍ଚଳିକ କମିଟି



ପଥପ୍ରାନ୍ତ ବୈଠକ।

**ବାଲେଶ୍ୱର ଅଫିସ, ୨୮।୨**

### ଓଡିଶା କୋଷ୍ଟ କେନାଲ ପୁନରୁଦ୍ଧାର

ବାଲେଶ୍ୱର ଜିଲାର ବିଭିନ୍ନ ପଞ୍ଚାୟତ ଦେଇଯାଇଥିବା ଓଡିଶା କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ପ୍ରତି ପଞ୍ଚାୟତରେ କମିଟି ଗଠନ କରାଯାଇ ସଚେତନତା ଆରମ୍ଭ ହୋଇଛି। ଓଡିଶା କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏନେଇ ରବିବାର ଜୟଦେବକସବା, ବର୍ଦ୍ଧନପୁର ଓ ସାରଗାଁ ପଞ୍ଚାୟତର ଜନସାଧାରଣଙ୍କ ସହଯୋଗରେ ନମାଇଲ୍ ଛକଠାରେ ଏକ ପଥପ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜିକ କର୍ମୀ ତଥା ମଞ୍ଚର ସଦର ବ୍ଲକର ସକ୍ରିୟ ସଦସ୍ୟ ଚନ୍ଦନ ମଲ୍ଲିକ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

ଜୟଦେବକସବାର ସରପଞ୍ଚ ପ୍ରଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ମଞ୍ଚର ସଂଯୋଜକ ଗୋବିନ୍ଦବଲ୍ଲଭ ଦଳାଇ କୋଷ୍ଟ କେନାଲର ପୁନରୁଦ୍ଧାର ଓ ତତ୍‌ସମ୍ପର୍କିତ ସାମାଜିକ, ଅର୍ଥନୈତିକ ଏବଂ ପରିବେଶୀୟ ଦିଗ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀକୋଣା, ହିଡିଗାଁ, ଚାନ୍ଦିପୁର, ଗୁଡୁ, ଜୟଦେବକସବା, ପଦମପୁର, ବର୍ଦ୍ଧନପୁର, ରସାଳପୁର, ଇଞ୍ଚୁଡି, ତୁଣ୍ଡ୍ରା, ଶ୍ରୀଜଙ୍ଗ, ରଣସାହି ଆଦି ୧୨ଟି ପଞ୍ଚାୟତର ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଲୋକ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ବୈଠକରେ ଦର୍ଶାଯାଇଥିଲା। କୋଷ୍ଟ କେନାଲର ପୁନରୁଦ୍ଧାର ହେଲେ ମଧୁର ଜଳର ଅଭାବ ବହୁ ପରିମାଣରେ ଦୂର ହୋଇପାରିବ । ଏହାର ପୁନରୁଦ୍ଧାର ପ୍ରତି ପ୍ରଶାସନ ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟତମ ସଦସ୍ୟ ଶୁଭଙ୍କର ମହାପାତ୍ର, ସାରଗାଁର ସାମାଜିକ କର୍ମୀ ଲକ୍ଷ୍ମୀଧର ସ୍ୱାଇଁ ଯୋଗଦେଇ କୋଷ୍ଟ କେନାଲର ସୁରକ୍ଷା ନିମନ୍ତେ ସମସ୍ତ ଜନସାଧାରଣ ସଙ୍ଗଠିତ ହୋଇପାରିଲେ ଏହି ପୁନରୁଦ୍ଧାର କାମ ବେଶି ଦିନ ଲାଗିବ ନାହିଁ । ଜୟଦେବ କସବାର ସରପଞ୍ଚ ପ୍ରଶାନ୍ତ କୁମାର ନାୟକ ତାଙ୍କ ପଞ୍ଚାୟତ ସୀମା ଦେଇ ଯାଇଥିବା କୋଷ୍ଟ କେନାଲର ସୁରକ୍ଷା ପାଇଁ ଗ୍ରାମସଭାରେ ଆଲୋଚନା କରି ଏମ୍‌ଜିଏନଆରଇଜିଏସ୍ ମାଧ୍ୟମରେ ପୁନରୁଦ୍ଧାର କାମ ହାତକୁ ନିଆଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ବର୍ଦ୍ଧନପୁର ଏବଂ ଜୟଦେବ କସବାର ମଞ୍ଚର ପଞ୍ଚାୟତ କମିଟି ଗଠନ କରାଯାଇଥିଲା । ଜୟଦେବ କସବାର ବରିଷ୍ଠ ନାଗରିକ ସନ୍ନ୍ୟାସ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମ ଆଇନ ବିରୋଧରେ ପ୍ରତିବାଦ ସଭା

**ବାରିପଦା ଅଫିସ,୨୮।୨**

ମୟୂରଭଞ୍ଜ ଜିଲା ବାରିପଦା ବସ୍‌ଷ୍ଟାଣ୍ଡ ପରିସରରେ ସିଆଇଟିୟୁ, ଏଆଇଟିୟୁସି ଓ ବାରିପଦା ମୋଟର କର୍ମଚାରୀମାନଙ୍କ ଦ୍ୱାରା ଏକ ପ୍ରତିବାଦ ସଭା ସିଆଇଟିୟୁ ଜିଲା ସଭାପତି ରବି ଗୋସ୍ୱାମୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନସ୍ୱାର୍ଥ ବିରୋଧୀ ନୀତି ଏବଂ ୨୯ଟି ଶ୍ରମ ଆଇନକୁ ବିରୋଧ କରି ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ରଘୁନାଥ ପଣ୍ଡା, ଏଆଇଟିୟୁସି ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଓ ସିଆଇଟିୟୁ ଜିଲା ସମ୍ପାଦକ ଅମଲ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ପରିଡ଼ା,ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ଅଶୋକ ବେହେରା, ଚୈତନ୍ୟ ପୃଷ୍ଟି, ଚିତ୍ତରଞ୍ଜନ ବାରିକ, ସିଆଇଟିୟୁର ଅକ୍ଷୟ ଖୁଣ୍ଟିଆ, କ୍ଷିତୀଶ ସାସମଲ, ରାମେଶ୍ୱର ଶର୍ମା, ଏମ୍‌ଡି ସେକ ରଜ୍ଜୁଆନ, ବିରଞ୍ଚି ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ଗୋଳିହାରେ ଶିଳାନ୍ୟାସ, ମିଶ୍ରଣ ପର୍ବ

**ଖଇରା, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ରବିବାର ରମେଶ ଘଡେଇଙ୍କ ଆବାହକତ୍ୱରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରଥମେ ଖାନପୁର ଗ୍ରାମରେ ପହଞ୍ଚି ଏକ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ମୁହଁଟୁଆଁ ଗ୍ରାମରେ ଆୟୋଜିତ ସଭାରେ ମନ୍ତ୍ରୀ ଯୋଗଦେଇ ୩ବର୍ଷ ତଳେ ପର୍ଯ୍ୟଟନ ବିଭାଗର ବଜେଟ ୧୯୪ କୋଟି ଥିବା ବେଳେ ବର୍ତ୍ତମାନ ଏହା ୧୫ଶହ କୋଟିରେ ପହଞ୍ଚିଛି। ରାଜ୍ୟର ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଗେଇ ଚାଲିଛି। ବିଜେଡି କେବଳ ବିକାଶର କଥା କୁହେ ବୋଲି ସେ ଉଲ୍ଲେଖ କରିଥିଲେ। ସଭାରେ ବହୁ ବର୍ଷ ଧରି ବିଭିନ୍ନ ଦଳରେ ଥିବା ବୃନ୍ଦାବନ ଦାସ, ସନାତନ ଦାସ, ଭରତ ଦାସ, ଦୁଃଶାସନ ଦାସ, ଜଳଧର ଦାସ, ଭୀମସେନ ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବିଜେଡିରେ ଯୋଗ ଦେଇଥିଲେ। ସଭାରେ ସରପଞ୍ଚ ପୁଷ୍ପଲତା ଘଡେଇ, ସମିତିସଭ୍ୟା ପ୍ରମିଳା ନାୟକ, ପ୍ରାକ୍ତନ ସରପଞ୍ଚ କ୍ଷେତ୍ରମୋହନ ଖଟୁଆ, ଭୀଷ୍ମଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ଧବ ଘଡେଇ, ପ୍ରଦୀପ ସାମଲ, ବାପୁନି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ନୂତନ ଭାବେ ଯୋଗଦେଇଥିବା ବ୍ୟକ୍ତିମାନେ ସେମାନଙ୍କର ପ୍ରମାଣପତ୍ର ଦେଖାଉଛନ୍ତି ।

## ରୋଗୀ କଲ୍ୟାଣ ସମିତି ବୈଠକ

ସୋର, ୨୮।୨(ଡି.ଏନ.ଏ.): ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରୋଗୀ କଲ୍ୟାଣ ସମିତି ବୈଠକ ଅଧ୍ୟକ୍ଷ ତଥା ବିଧାୟକ ପର୍ଶୁରାମ ଧଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟନାରାୟଣ ନାୟକ, ବିଡିଓ ସୁଶାନ୍ତ ବାରିକ, ବିପିଏମ୍ ମୁକ୍ତିକାନ୍ତ ପାଣିଗ୍ରାହୀ, ପିଏଚ୍‌ଇଓ ବୈକୁଣ୍ଠନାଥ ଧାମୁଡିଆ, ସମିତି ସଦସ୍ୟା ପୁଷ୍ପଲତା ଜେନା, ଏନ୍‌ଏଚ୍‌ଏମ୍ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ଯୋଗଦେଇ କେନ୍ଦ୍ରର ଚିକିତ୍ସା ବ୍ୟବସ୍ଥାରେ ଥିବା ଅସୁବିଧା ସହ ଉନ୍ନତି ନେଇ ଆଲୋଚନା କରିଥିଲେ। ଏକ ସ୍ୱତନ୍ତ୍ର ପ୍ରଶାସନିକ କାର୍ଯ୍ୟାଳୟ ଓ ମିଟିଂ ହଲ୍‌ର ଆବଶ୍ୟକତା ଥିବାରୁ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା।

## ତାରିଣୀ ଦର୍ଶନ କଲେ ମୁଖ୍ୟ ଶାସନ ସଚିବ ଦମ୍ପତି

**ଘଟଗାଁ, ୨୮।୨ (ଡି.ଏନ.ଏ.)**

ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ତାଙ୍କ ସ୍ତ୍ରୀ ଶନିବାର ସନ୍ଧ୍ୟାରେ ଘଟଗାଁସ୍ଥିତ ମା' ତାରିଣୀଙ୍କୁ ଦର୍ଶନ କରି ଫେରିଛନ୍ତି। ପୂଜକ ଶରତ ଚନ୍ଦ୍ର ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଟ୍ରଷ୍ଟବୋର୍ଡ଼ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ପରିସରରେ ତାଙ୍କୁ ପରିଚାଳନା ବୋର୍ଡ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରଷ୍ଟବୋର୍ଡ ସଭାପତି ପଟ୍ଟନାୟକ, ବରିଷ୍ଠ ସଦସ୍ୟ କ୍ଷୀରୋଦ ପ୍ରସାଦ ଦାସ, ରୁଦ୍ର ନାରାୟଣ ମହାନ୍ତ, ପ୍ରମୋଦ ଦେହୁରୀ, ନିର୍ମଳ ମହାନ୍ତି, ଦୟାନିଧି ମହାନ୍ତ, ବଳଭଦ୍ର ନନ୍ଦ, ଆନନ୍ଦ ଚନ୍ଦ୍ର ସିଂହ, କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ସମୟରେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଘଟଗାଁ ବିଡିଓ ନାରାୟଣ ସାହୁ ଓ ଥାନାଧିକାରୀ ଶ୍ୟାମଘନ ବେହେରା ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ସହ ମାଟି ବୋହିଲେ ପ୍ରକଳ୍ପ ନିର୍ଦ୍ଦେଶକ



ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଝୁଡ଼ିରେ ମାଟି ବୋହୁଛନ୍ତି।

**ଭଦ୍ରକ ଅଫିସ,୨୮।୨**

ମୁଣ୍ଡରେ ପଗଡ଼ି ବାନ୍ଧି ଝୁଡ଼ିରେ ମାଟି ବୋହିଲେ ଭଦ୍ରକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ। ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଦାସ ସେମାନଙ୍କ ସହ ମିଶି କାମ କଲେ। ଧାମରା ପଞ୍ଚାୟତ ଝାଡ଼କଟା ଗ୍ରାମ୍ୟ ରାସ୍ତାରେ ଏଭଳି ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିବା ବେଳେ ଏଥିପାଇଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଶନିବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଧାମରା ଝାଡ଼କଟା ଅଞ୍ଚଳରେ ଶ୍ରମିକମାନେ କାମ କରୁଥିଲେ। ମେସିନ ମାଧ୍ୟମରେ ଏହି ପ୍ରକଳ୍ପ କାମ କରାଯାଉଥିବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହେଉଛି। ଏଭଳି ପ୍ରକଳ୍ପରେ କିପରି ସ୍ୱଚ୍ଛତା ଆସିବ, ଶ୍ରମିକମାନେ କିପରି ନିଜେ କାମ କରି ଦୁଇ ପଇସା ରୋଜଗାର କରିବା ସହ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହେବ, ଏଣୁ ସେହି ଗାଁକୁ ଯାଇ ସେ ଶ୍ରମିକ ଭାବେ କାର୍ଯ୍ୟ କରିଛନ୍ତି। ସେ ନିଜେ କୋଦାଳରେ ମାଟି ହାଣିବା ସହ ଝୁଡ଼ିରେ ମାଟି ବୋହି ରାସ୍ତା ବାନ୍ଧିଥିଲେ। ତାଙ୍କର ଏଭଳି କାର୍ଯ୍ୟ ଦେଖି ସାଙ୍ଗରେ ଥିବା ଚାନ୍ଦବାଲି ବିଡିଓ ଜ୍ୟୋତିବିକାଶ ଦାସ ମଧ୍ୟ ମାଟି ହାଣୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ ପ୍ରଶାସନିକ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଦେଖି ସେଠାରେ ଉପସ୍ଥିତ ଲୋକେ ଚକିତ ହୋଇଯାଇଥିଲେ।

# ଜଙ୍ଗଲ ସୁରକ୍ଷାରେ ୧୧୦ ପରିବାର

**ବାରିପଦା ଅଫିସ,୨୮।୨**



ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସହ ଗୋପୀନାଥ।

- ମଙ୍ଗ ଧରିଛନ୍ତି ୬୪ ବର୍ଷୀୟ ବୃଦ୍ଧ
- ପାଳିକରି ଜଗୁଛନ୍ତି, ମିଳିମିଶି ଗାଁର ଉନ୍ନତିରେ ଲାଗିଛନ୍ତି

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଜାରକାଣୀ ପଞ୍ଚାୟତ ଇଟାମୁଣ୍ଡିଆ ଗ୍ରାମର ୧୧୦ ପରିବାର ଉଜୁଡ଼ା ଜଙ୍ଗଲକୁ ସବୁଜିମାରେ ଭରପୁର କରି ସମାଜକୁ ଦେଇଛନ୍ତି ସୁସ୍ଥ ପରିବେଶର ବାର୍ତ୍ତା। ଏହାର ମଙ୍ଗ ଧରିଛନ୍ତି ୬୪ ବର୍ଷୀୟ ଗୋପୀନାଥ ସିଂ। ଗାଁ ଲୋକଙ୍କୁ ଏକାଠି କରି ଜଙ୍ଗଲକୁ ସୁରକ୍ଷା ଦେବା ସହିତ ବନ ସୁରକ୍ଷା ସମିତି ମାଧ୍ୟମରେ ଅସମ୍ଭବ କାର୍ଯ୍ୟକୁ ସେ ସମ୍ଭବ କରିପାରିଛନ୍ତି। ସମିତି ଜରିଆରେ ଗାଁର ୮ଶହ ଲୋକଙ୍କୁ ରୋଜଗାର ଯୋଗାଇ ଆସୁଛନ୍ତି। ୩୭ ବର୍ଷ ହେଲା ବୃକ୍ଷଲତାକୁ ଭଲ ପାଉଥିବା ଏହି ନିଆରା ମଣିଷ ଜଣକ ଅଞ୍ଚଳବାସୀଙ୍କ ପାଇଁ ପାଲଟିଛନ୍ତି ଅନ୍ନଦାତା। ଶିକ୍ଷାଗତ ଯୋଗ୍ୟତା କମ୍ ଥାଇ ମଧ୍ୟ ଅସାଧାରଣ ଦକ୍ଷତା ଯୋଗୁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ୫ଶହ ଶାଳ ଗଛ ଚାରାରୋପଣ କରି ଜଙ୍ଗଲ ସୃଷ୍ଟି କରିପାରିଥିବାରୁ ବନବିଭାଗ ପକ୍ଷରୁ ତାଙ୍କୁ ମିଳିଛି ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମ ଚତୁଃପାର୍ଶ୍ୱରେ ଥିବା ୧୩୦ହେକ୍ଟର ଜଙ୍ଗଲ ଉଜୁଡ଼ି ଯାଇଥିଲା । ଏହାକୁ ଦେଖି ଗୋପୀନାଥ ଲୋକଙ୍କୁ ସଚେତନ କରାଇବା ସହିତ ଏକ କମିଟି ଗଠନ କରି ଗଛ ଲଗାଇବା ଆରମ୍ଭ କରିଥିଲେ। ପର୍ଯ୍ୟାୟ କ୍ରମେ ଏହି ଜଙ୍ଗଲ ୧୬୦ହେକ୍ଟର ଜମିରେ ପରିବେଷ୍ଟିତ ହୋଇରହିଛି। ଜଙ୍ଗଲରେ ଦୁଇ ହଜାର ଅଁଳା ଗଛ ଲଗାଯାଇଛି। ଅଁଳା ଫଳକୁ ଗ୍ରାମବାସୀ ନିଶୁଳ୍କ ଭାବେ ନେଇ ଔଷଧ ରୂପେ ବ୍ୟବହାର କରିବା ସହିତ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି। ସେହିପରି ୪୦ହେକ୍ଟର ଜମିରେ ଫଳଗଛ ସହିତ ପୋଖରୀ ଖନନ କରି ମାଛ ଚାଷ କରାଯାଉଛି। ବନ ସୁରକ୍ଷା ସମିତି ଜରିଆରେ ଗାଁର ଥିବା ୮ଶହ ଲୋକ ରୋଜଗାର ପାଇ ଆସୁଛନ୍ତି। ସମିତିର ସଦସ୍ୟ କେଶବ ଚନ୍ଦ୍ର ସାହୁ କୁହନ୍ତି, ଜଙ୍ଗଲଜାତ ଦ୍ରବ୍ୟ, ଶୁଖିଲା କାଠପତ୍ର ଏବଂ ଔଷଧୀୟ ଦ୍ରବ୍ୟ ଗୁଡ଼ିକୁ ସଂଗ୍ରହ କରାଯାଇ ସୁରକ୍ଷିତ ଭାବେ ଗଚ୍ଛିତ କରାଯାଉଛି। ଗ୍ରାମବାସୀଙ୍କ ସହମତିରେ ଏହାକୁ ବିକ୍ରି କରାଯାଇ ଗ୍ରାମରେ ଏକ ଶିବ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଗାଁର ୧୧୦ ପରିବାର ଏହି ସମିତିରେ ସଦସ୍ୟ ହୋଇ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଆସୁଛନ୍ତି। ପାଳି କରି ସମସ୍ତେ ଜଗୁଛନ୍ତି। ସେହିପରି ସଦସ୍ୟ କାର୍ତ୍ତିକ ସାହୁ କୁହନ୍ତି, ଆଜକୁ ୩ବର୍ଷ ହେଲା ଗାଁର କୌଣସି ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟ କିମ୍ବା ଜିଲାକୁ ଯାଇନାହାନ୍ତି। ଏହି ସମିତି ଜରିଆରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଥିବା ବେଳେ ସରକାରୀ ସ୍ତରରେ ହେଉଥିବା ଯୋଜନା ଗୁଡ଼ିକରେ ସେମାନେ କାମ କରି ପରିବାର ଚଳାଇ ଆସୁଛନ୍ତି। ଲକ୍ଷ୍ମଣ ସିଂ କୁହନ୍ତି, ଗ୍ରାମରେ କୌଣସି ସମସ୍ୟା ହେଲେ ତୁରନ୍ତ ବୈଠକ ଡକାଇ ଏହାର ସମାଧାନ କରାଯାଇଥାଏ । ଆଖପାଖ ଗ୍ରାମରେ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟରେ ଆବଶ୍ୟକ ପଡୁଥିବା ଶୁଖିଲା ଜାଳେଣୀ କାଠପତ୍ର କିମ୍ବା ଝୁଣା, ମହୁ, ଫଳମୂଳ ଇତ୍ୟାଦି ସମିତି ମାଧ୍ୟମରେ ଯୋଗାଇ ଦିଆଯାଏ । ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଚାରିପାର୍ଶ୍ୱରେ ବାଡ଼, ଅଗ୍ନି ନିରାପତ୍ତା, ଜଳସେଚନ ଓ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି। ତେବେ ବନବିଭାଗ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେଲେ ଅଞ୍ଚଳବାସୀଙ୍କ ରୋଜଗାରରେ ଉନ୍ନତି ହୋଇପାରନ୍ତା ବୋଲି ଗ୍ରାମର କୃଷ୍ଣ ବାରିକ, ବେଣୁଧର ସାହୁ, ଦୀନା ବାରିକ, ଚିନ୍ମୟ ଦାସ, ଶତ୍ରୁଘ୍ନ ଦାସ ପ୍ରମୁଖ ଦାବି କରିଛନ୍ତି।

